# ଅଂଶୁଘାତ ଉପରେ ରଚନା

ଉପକ୍ରମ: ସୂର୍ଯ୍ୟ ସକଳଶକ୍ତିର ଆଧାର। ସୂର୍ଯ୍ୟ ତେଜବିନା ସମଗ୍ର ବିଶ୍ୱର ସ୍ଥିତି ଅସମ୍ଭବ। ତେବେ ଯେତେବେଳେ ସୂର୍ଯ୍ୟର ତେଜ ଅତ୍ୟନ୍ତ ପ୍ରଖର ହୁଏ ବା ସୂର୍ଯ୍ୟ ତାପ ବୃଦ୍ଧି ପାଏ, ସେତେବେଳେ ଗଛ ଲତା, ପଶୁ ପକ୍ଷୀ ଓ ମଣିଷ ସମାଜ ପ୍ରଭାବିତ ହୁଅନ୍ତି। ସ୍ଥଳ ବିଶେଷରେ ସୂର୍ଯ୍ୟର ପ୍ରଖରତାର ପ୍ରକୋପରୁ ମୃତ୍ୟୁ ଘଟେ। ଏହି ସୂର୍ଯ୍ୟତାପ ପ୍ରଖରତା ଜନିତ ଆଘାତ ବା ମୃତ୍ୟୁ କୁ  ଅଂଶୁଘାତ କୁହାଯାଏ।

ଅଂଶୁଘାତ ର କାରଣ : ଅତୀତରେ ଅଂଶୁଘାତ ଜନିତ ମୃତ୍ୟୁର ଭୟାବହତା ନ ଥିଲା. ଅଧୁନା ସମୟରେ ଅଂଶୁଘାତର ପରିମାଣ ବଢ଼ିବାରେ ଲାଗିଛି. କାରଣ ପରିବେଶ ତଥା ପ୍ରକୃତିର ଭାରସାମ୍ୟ ବିଗିଡି ଯାଇଛି। ଆମେ ମନୁଷ୍ୟମାନେ ଏଥିଲାଗି ମୁଖ୍ୟତଃ ଦାୟୀ ଅଟୁ।  ମନୁଷ୍ୟର ଆବଶ୍ୟକତା ପୂରଣ କରିବା ପାଇଁ ଜଙ୍ଗଲରୁ ଅବିରତ ଭାବରେ ଗଛ କଟାଯାଉଛି। ଫଳରେ ଅମ୍ଳଜାନର ପରିମାଣ ବାୟୁମଣ୍ଡଳରୁ କମି ଯାଇ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ପାଇ ତାପମାତ୍ରା ବଢୁଛି ଏବଂ ପରିବେଶ ପ୍ରଦୂଷିତ ହେଉଛି। ଗଛ କଟା ହେବା ଫଳରେ ବର୍ଷାର ମାତ୍ରା ମଧ୍ୟ କମୁଛି ଏବଂ ଦିନକୁ ଦିନ ସୁର୍ଯ୍ୟୋତାପ ବୃଦ୍ଧି ପାଉଛି। ୧୯୯୮ ମସିହାରେ ଗ୍ରୀଷ୍ମଋତୁରେ ଓଡ଼ିଶାରେ ଅଂଶୁଘାତର ପ୍ରକୋପ ପ୍ରଚଣ୍ଡ ଥିଲା। ସୂର୍ଯ୍ୟଙ୍କର ଉତ୍ତାପ ପ୍ରାୟ ୫୦ °C ପର୍ଯ୍ୟନ୍ତ ବୃଦ୍ଧି ହୋଇ ଅଂଶୁଘାତ ସୃଷ୍ଟି ହୋଇଥିଲା। ଦୃତ ଶିଳ୍ପାୟନ , ଯାନବାହନ ଚଳାଚଳର ବହୁଳତା , ବହୁତଳ ପ୍ରାସାଦ ନିର୍ମାଣ ଓ ଦୃତ ଜଙ୍ଗଲ କ୍ଷୟ ଅଂଶୁଘାତର କାରଣ ହୋଇଛି।

ରୋଗୀର ଚିକିତ୍ସା : ଅଂଶୁଘାତ ଜନିତ ପୀଡାରେ ପିଡୀତ ବ୍ୟକ୍ତିକୁ ସର୍ବ ପ୍ରଥମେ ମୁଣ୍ଡ ଧୋଇ ଓଦା ଗାମୁଛାରେ ଶରୀରକୁ ପୋଛିବାକୁ ହେବ। ଏହା ପରେ ତାର କପଡାକୁ

orissatimes.net

ଢିଲାକରି ମୁକ୍ତବାୟୁ ଚଳାଚଳ କରୁଥିବା ସ୍ଥାନକୁ ନେଇଯିବାକୁ ହେବ। ପାଇଡ଼ ପାଣି , ଘୋଳ ଦହି ପିଇବାକୁ ଦେବ। ଚେତା ଆସିବାରେ ବିଳମ୍ବ ହେଲେ ସଙ୍ଗେ ସଙ୍ଗେ ଡାକ୍ତର ଖାନା ନେଇଯିବ।

ରକ୍ଷା ପାଇବାର ନିରାକରଣ : ଆମ ଦେହର ତାପମାତ୍ରା ୩୭ °C ରହିବା ନିହାତି ଆବଶ୍ୟକ। ଏହାଠାରୁ ଅଧିକ ହେଲେ ତାହା କ୍ଷତି ପହଞ୍ଚାଏ। ଅଂଶୁଘାତ ହେଲେ ଏହି ତାପମାତ୍ରା ଯଥେଷ୍ଟ ବୃଦ୍ଧି ପାଇଥାଏ। ଏଥିରୁ ରକ୍ଷା ପାଇବା ପାଇଁ ପ୍ରଚଣ୍ଡ ରୌଦ୍ରତାପ ସମୟରେ ବାହାରକୁ ନ ଯିବା ଉଚିତ୍। ଯଦି ବାହାରକୁ ଯିବାର ଜରୁରୀ ଆବଶ୍ୟକତା ଥାଏ ତେବେ ମୁଣ୍ଡରେ ଓଦା ଗାମୁଛା ପକାଇବା , ଧଳା ପାଗଡ଼ି ପିନ୍ଧିବା ଏଥି ସହିତ କଳା ଚଷମା , ଛତା ଓ ପାଦରେ ଜୋତା ପିନ୍ଧିବା ଭଲ। ଢିଲା ପୋଷାକ ପିନ୍ଧି ପାଣି ବୋତଲ ସହିତ କାର୍ଯ୍ୟାଳୟକୁ ଯିବା ଉଚିତ୍। ଲୁଣ ମିଶା ତୋରାଣି , ଥଣ୍ଡା ପାଣି ଓ ଦହି ମିଶା ସରବତ ଆଦି ପିଇଲେ ଅଂଶୁଘାତରୁ ରକ୍ଷା ମିଳେ।

ଉପସଂହାର : ଅଂଶୁଘାତ ରୋକିବାକୁ ହେଲେ ପ୍ରଥମେ ଜଙ୍ଗଲ କ୍ଷୟ ଓ ପରିବେଶ ପ୍ରତି ଧ୍ୟାନ ଦେବା ଉଚିତ୍। ସହର ଓ ନଗର ମାନଙ୍କରେ ନାନାଦି ସ୍ଥାନରେ ପୁଷ୍କରିଣୀ ଖନନ, ପାର୍କ ଓ ସବୁଜ ଉଦ୍ୟାନ ପ୍ରଭୃତି ନିର୍ମାଣ ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଛାୟାପ୍ରଦ ବୃକ୍ଷ ରୋପଣ କରିବା ନିହାତି ଆବଶ୍ୟକ। ଏସବୁ ବ୍ୟବସ୍ଥା ସହିତ ଜନସଚେତନତା ସୃଷ୍ଟି କରିବା ଆହୁରି ମଙ୍ଗଳପ୍ରଦ।

Read Also:

- Diwali Essay in Odia
- Read All: Odia Essay

odisatimes.net